# ସତ୍ୟବାଣୀ

# THE VOICE OF TRUTH

July & August, 1998

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth

CHURCH OF CHRIST
P.O. Box No. 80, KAKINADA,
A.P. - 533 001
Ph. 0884 - 63722

Vol. 3 July & Aug, 1998 No. 4

Published every two months in Or
Language for the Restoration of pu
New Testament Christianity

**FREE!** **FREE!!** **FREE!!**

Study the Bible in the quiet of your own home. Enroll yourself in the **BASIC BIBLE COURSE** in Oriya language. Complete the course and obtain a copy of Oriya Holy Bible obsolutely free! Send yo
today to:

**THE DIRECTOR**
**BIBLE CORRESPONDENCE COURSE**
**P.O. Box. 80, KAKINADA - 533 001.**

ବାକ୍ୟ ଅଟେ । ପୁଣି ବିଶ୍ୱାସୀ ଯେ ତୁମ୍ଭେମାନେ ତୁମ୍ଭମାନଙ୍କ ଅନ୍ତରରେ ତାହା ମଧ୍ୟ କାର୍ଯ୍ୟ ସାଧନ କରୁଅଛି । ( ୧ମ ଥେସଲନୀକୀ ୨ : ୧୩ ) । 'ପ୍ରତ୍ୟାଦେଶ ଦ୍ୱାରା ସେହି ନିଗୂଢ଼ ତତ୍ତ୍ୱ ମୋତେ ଜ୍ଞାତ କରାଗଲା, ଯେପରି ମୁଁ ପୂର୍ବେ ସଂକ୍ଷିପ୍ତ ଭାବରେ ଲେଖିଅଛି, ତାହା ପଢ଼ି ଖ୍ରୀଷ୍ଟଙ୍କ ନିଗୂଢ଼ତତ୍ତ୍ୱରେ ମୋହର ଜ୍ଞାନର ପରିଚୟ ପାଇପାରେ । ( ଏଫିସୀ ୩ : ୩, ୪ ) ।

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ମଧ୍ୟ ବାଇବଲର ଲିଖିତ ବାକ୍ୟ ଈଶ୍ୱରଙ୍କ ବାକ୍ୟ ବୋଲି ସାକ୍ଷ୍ୟ ଦିଅନ୍ତି । ସ୍ୱର୍ଗାହରଣ ପୂର୍ବେ ଆପଣା ଶିଷ୍ୟମାନଙ୍କୁ କହନ୍ତି, ପୁଣି, ସେ ସେମାନଙ୍କୁ କହିଲେ ମୋଶାଙ୍କ ବ୍ୟବସ୍ଥା ଏବଂ ଭାବବାଦୀମାନଙ୍କ ଗୀତ ସଂହିତାରେ ଧର୍ମ-ଶାସ୍ତ୍ରରେ ମୋ ବିଷୟରେ ଯାହା ଯାହା ଲେଖାଅଛି । ସେହିସବୁ ସଫଳ ହେବା ଆବଶ୍ୟକ, ମୁଁ ତୁମ୍ଭମାନଙ୍କ ସଙ୍ଗରେ ଥିବା ସମୟରେ ତୁମ୍ଭମାନଙ୍କୁ ଏହି ସମସ୍ତ କଥା କହିଥିଲି । ( ଗୀତ ୨୪ : ୪୪ ) । ନୂତନ ନିୟମ ଲେଖାଯିବା ପୂର୍ବରୁ ପ୍ରଭୁ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ । 'କିନ୍ତୁ ସେ, ଅର୍ଥାତ୍ ସତ୍ୟମୟ ଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ । କାରଣ ସେ ଆପଣାଠାରୁ କଥା କହିବେ ନାହିଁ । ମାତ୍ର ଯାହା ଯାହା ଶୁଣିବେ ସେହିସବୁ କହିବେ, ପୁଣି ଆଗାମୀ ବିଷୟ ସବୁ ତୁମ୍ଭମାନଙ୍କୁ ଜଣାଇବେ । ( ଯୋହନ ୧୬ : ୧୩ ) ।

କବିମାନେ ଆପଣା ଅନ୍ତରଭାବନା ଦ୍ୱାରା କବିତା ଲେଖିବା ସଦୃଶ୍ୟ ବାଇବଲ ଲେଖକମାନେ ବାଇବଲ ଲେଖିଅଛନ୍ତି ବୋଲି ଅନେକଙ୍କ ଧାରଣା । ପୃଥିବୀର ଅନେକ ଲେଖକ ଲେଖିକା ସଦୃଶ୍ୟ ବାଇବଲର ଲେଖକଗଣ ମେଧାବୀ ନୁହନ୍ତି । କାରଣ ସେମାନଙ୍କ ଲିଖିତ ବାକ୍ୟ ସକଳ ସ୍ୱତଃ ନୁହେଁ କିନ୍ତୁ ଈଶ୍ୱର ନିଶ୍ୱସିତ । ଯେପରିକି ଯିରିମିୟ କହନ୍ତି 'ସେତେବେଳେ ସଦାପ୍ରଭୁ ଆପଣା ହସ୍ତ ବଢ଼ାଇ ମୋର ମୁଖ ସ୍ପର୍ଶ କଲେ, ଆଉ ସଦାପ୍ରଭୁ ମୋତେ କହିଲେ ଦେଖ, ଆମ୍ଭେ ଆପଣା ବାକ୍ୟ ତୁମ୍ଭ ମୁଖରେ ଦେଲୁ ।' ( ଯିରିମିୟ ୧ : ୯ ) ।

— 'ଏଣୁ ଏବେ ଯାଅ, ଆମ୍ଭେ ତୁମ୍ଭ ମୁଖର ସହବର୍ତ୍ତୀ ହୋଇ କର୍ତ୍ତବ୍ୟ କଥା ତୁମ୍ଭକୁ ଶିଖାଇବା ।'

— 'ମୋ ଦ୍ୱାରା ସଦାପ୍ରଭୁଙ୍କ ଆତ୍ମା କହିଲେ ଓ ତାହାଙ୍କର ବାକ୍ୟ ମୋ ଜିହ୍ୱାରେ ଥିଲା । ( ୨ୟ ଶାମୁୟେଲ ୨୩ : ୨ ) ।

— 'ଆଉ ଯେବେ କେହି ଏହି ପତ୍ରରେ ଲିଖିତ ଆମ୍ଭମାନଙ୍କ କଥା ନମାନେ, ତେବେ ସେହି ଲୋକକୁ ଚିହ୍ନି ରଖ, ପୁଣି ସେ ଯେପରି ଲଜ୍ଜିତ ହୁଏ, ଏଥି ନିମନ୍ତେ ତାହା ସମ୍ବନ୍ଧ ରଖ ନାହିଁ । ( ୨ୟ ଥେସ ୩ : ୧୩ ) ।

ଈଶ୍ୱର ନିଶ୍ୱସିତ ପରମେଶ୍ୱରଙ୍କ ବାକ୍ୟରେ ମନୁଷ୍ୟକୁ ଆପଣା ବାକ୍ୟ ଯୋଗ କି ବା ବିୟୋଗ କରିବାର ଅଧିକାର ଦିଆଯାଏ ନାହିଁ । ( ଦ୍ୱି : ବି ୪ : ୨, ଗାଲାତି ୧ : ୬-୯, ପ୍ରକାଶିତ ବାକ୍ୟ ୨୯ : ୧୮, ୧୯ ) । ପୁରାତନ ନିୟମ ଏବ୍ରୀ ଭାଷାରେ ଓ ନୂତନ ନିୟମ ଗ୍ରୀକ୍ ଭାଷାରେ ପ୍ରଥମେ ଲିଖିତ ହୋଇଥିଲା । ତାପରେ ଅନ୍ୟ ଭାଷାଗୁଡ଼ିକରେ ଅନୁବାଦ କରାଯାଇ ଅଛି ।

ଈଶ୍ୱର ନିଶ୍ୱସିତ ବାଇବଲର ବାକ୍ୟ ଆମ୍ଭମାନଙ୍କ ସମସ୍ତ ଆତ୍ମୀୟ ଆବଶ୍ୟକତା ପୂରଣ କରେ । ଯେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି, ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛନ୍ତି । ଏଥିରେ ଲିଖିତ ବାକ୍ୟଗୁଡ଼ିକ ଦ୍ୱାରା ଆମ୍ଭେମାନେ ଶେଷ ଦିନରେ ବିଚାରିତ ହେବୁ । 'ଯେ ମୋତେ ଅଗ୍ରାହ୍ୟ କରେ ଓ ମୋହର ବାକ୍ୟ ଗ୍ରହଣ କରେ ନାହିଁ, ତାହାର ବିଚାରକର୍ତ୍ତା ଅଛି । ମୁଁ ଯେଉଁ ବାକ୍ୟ କହିଅଛି । ତାହା ଶେଷ ଦିନରେ ତାହାର ବିଚାର କରିବ ।' ( ଯୋହନ ୧୨ : ୪୮ ) ।

—John Crubb.

—o—

ସିଦ୍ଧେଶ୍ୱରୀ ପ୍ରେସ, ନବରଙ୍ଗପୁର

ସତ୍ୟବାଣୀ

# VOICE OF TRUTH

Vol-II KAKINADA JULY. - AGUST.

## ଉପାସନା ପଦ୍ଧତି

## ( The Pattern of Worship )

ଆଜି ଖ୍ରୀଷ୍ଟମଣ୍ଡ ସମାଜରେ ଅନେକ ପଦ୍ଧତିର ଉପାସନା ଦେଖିବାକୁ ପାଉଅଛୁ । କଥଲିକମାନଙ୍କ ପଦ୍ଧତି ଠାରୁ ପ୍ରୋଟେଷ୍ଟାଣ୍ଟ-ମାନଙ୍କ ପଦ୍ଧତି ଭିନ୍ନ । ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀଗୁଡ଼ିକରେ ଅନେକ ପ୍ରକାର ପଦ୍ଧତି ଚାଲି ଆସୁଛି । ଏଥି ମଧ୍ୟରୁ କେଉଁ ପଦ୍ଧତି ପ୍ରକୃତ ପଦ୍ଧତି ?

ଏଫିସୀ ୪ : ୪ ଓ ମଥିଉ ୧୬ : ୧୮ ପଦାନୁଯାୟୀ ଏକ ମାତ୍ର ମଣ୍ଡଳୀ ଅଛି ଏବଂ ତାହା ଖ୍ରୀଷ୍ଟଙ୍କର ଅଟେ । ମଣ୍ଡଳୀର ଉପାସନା ପଦ୍ଧତି ମଧ୍ୟ ବାକ୍ୟରେ ଆମ୍ଭମାନଙ୍କୁ ସୁସ୍ପଷ୍ଟ କରାଯାଏ । ଏହି ପଦ୍ଧତି ଈଶ୍ୱରଙ୍କ ବାକ୍ୟାନୁଯାୟୀ ହୋଇଥିବାରୁ ଏହା ପ୍ରତ୍ୟେକମାନଙ୍କ ପାଳନ କରିବା ଆବଶ୍ୟକ । ଏହି ପଦ୍ଧତି ବିଷୟରେ ଜାଣିବାକୁ ଆମ୍ଭମାନଙ୍କ ନୂତନ ନିୟମରେ ଆଦିମ ଖ୍ରୀଷ୍ଟିୟାନମାନଙ୍କ ଆଦର୍ଶ ଅନୁଧ୍ୟାନ କରିବା ଆବଶ୍ୟକ । ବାକ୍ୟ କହେ :—

ଶୟତାନ ଦ୍ୱାରା ପରୀକ୍ଷିତ ହେବା ସମୟରେ ପ୍ରଭୁଯୀଶୁ ଖ୍ରୀଷ୍ଟ ଶୟତାନକୁ କହିଲେ '... ହଟ ଯା, ଶୟତାନ, କାରଣ ଲେଖାଅଛି, ତୁମ୍ଭେ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରଣାମ କରିବ, ପୁଣି କେବଳ ତାହାଙ୍କର ଉପାସନା କରିବ । ( ମାଥିଉ ୪ : ୧୦ )

**ସପ୍ତାହର ପ୍ରଥମ ଦିନ ଉପାସନାର ଦିନ ଅଟେ ।**

ଆଦିମ ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିନରେ ଏକତ୍ରିତ ହେବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । 'ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ ଏଥିନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ । ( ୧ମ କରିନ୍ଥୀ ୧୬ : ୨ ) ।

ଖ୍ରୀଷ୍ଟିୟାନମାନେ ପରମେଶ୍ୱରଙ୍କ ଉପାସନା କରିବାକୁ ଆଜ୍ଞାପିତ ହୋଇଅଛନ୍ତି— 'ସେମାନେ ପ୍ରେରିତମାନଙ୍କ ଶିକ୍ଷାରେ ସହଭାଗିତାରେ ରୋଟୀଭଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟଚିତ୍ତ ହୋଇ ରହିଲେ । (ପ୍ରେରିତ ୨ : ୪୨) । 'ସପ୍ତାହର ପ୍ରଥମ ଦିନରେ ଯେତେବେଳେ ପାଉଲ ପରଦିନ ପ୍ରସ୍ଥାନ କରିବେ ବୋଲି ଉଦ୍ୟତ ହେଉଥିବାରୁ ସେମାନଙ୍କୁ ଉପଦେଶ ଦେବାକୁ ଲାଗିଲେ ଓ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଦୀର୍ଘ ବକ୍ତୃତା ଦେଲେ । ( ପ୍ରେରିତ ୨୦ : ୭ ) ।

କପରି ଉପାସନା କରିବା ବିଷୟରେ ଖ୍ରୀଷ୍ଟ କହନ୍ତି, 'କିନ୍ତୁ ଯେଉଁ ସମୟରେ ସତ୍ୟ ଉପାସକମାନେ ଆତ୍ମାରେ ଓ ସତ୍ୟରେ ପିତାଙ୍କର ଉପାସନା କରିବେ, ସେପରି ସମୟ ଆସୁଅଛି । ପୁଣି, ବର୍ତ୍ତମାନ ସୁଦ୍ଧା ଉପସ୍ଥିତ, କାରଣ ପିତା ଏହି ପ୍ରକାର ଉପାସକ ଚାହାନ୍ତି । ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା ସେମାନଙ୍କର ଉଚିତ । ( ଯୋହନ ୪ : ୨୩, ୨୪ ) ।

ଉପାସନାର ପାଞ୍ଚଟି ଅଂଶ :— ବାକ୍ୟାଧ୍ୟୟନ ( ୨ୟ ତୀମଥି ୨ : ୧୫ ) ପ୍ରାର୍ଥନା ( ପ୍ରେରିତ ୨ ୨ : ୪୨ ) ଗୀତ ଗାଇନ ଏଫିସୀ ୫ : ୧୯ ), ପ୍ରଭୁଭୋଜରେ ଭାଗୀ ହେବା ( ମାଥିଉ ୨୬ : ୨୬-୨୮ ) ଏବଂ ଚାନ୍ଦା ଦେବା ( ୨ୟ କରନ୍ଥୀ ୯ : ୬, ୭ ) । ଏହି ପାଞ୍ଚ ଅଂଶ ବ୍ୟତୀତ ଅନ୍ୟାନ୍ୟ ବିଷୟରେ ବାକ୍ୟରେ କୁହାଯାଏ ନାହିଁ, ଅତଏବ ଉପାସନାର ଏହି ପାଞ୍ଚଟି ବିଷୟରେ ସୀମାବଦ୍ଧ ହେବା ଆବଶ୍ୟକ ।

ଉପାସନା ପରିତ୍ୟାଗ କରିବା ବିଷୟରେ ବାକ୍ୟ କହେ, ଆଉ କେହି କେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ସେପରି ନ କରୁ, ବରଂ ପରସ୍ପର ଉତ୍ସାହ ଦେଉ, ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ । ( ଏବ୍ରୀ ୧୦ : ୨୫ ) ।

ନୂତନ ନିୟମ ଉପାସନାର ଭିତ୍ତିମୂଳ ପ୍ରଭୁଙ୍କ ବାକ୍ୟଅଟେ । ଈଶ୍ୱରଙ୍କ ବାକ୍ୟ ପ୍ରଚାରକ ପରି ପ୍ରତ୍ୟେକ ପ୍ରଚାର କରିବା ନିମନ୍ତେ ପିତର ଆପଣା ପତ୍ରରେ ବ୍ୟକ୍ତ କରନ୍ତି । ( ୧ମ ପିତର ୪ : ୧୧ ) । ତାହାଙ୍କ ବାକ୍ୟ ଅତିକ୍ରମ କରି କୌଣସି କାର୍ଯ୍ୟ କରାଯାଏ ନାହିଁ । ଅନ୍ୟାନ୍ୟ ଖ୍ରୀଷ୍ଟିୟ ଦଳରେ ପରିଚାଳିତ ହେଉଥିବା କେତୋଟି କାର୍ଯ୍ୟ, ନୂତନ ନିୟମର ଖ୍ରୀଷ୍ଟଙ୍କ ମଣ୍ଡଳୀରେ ଦେଖିବାକୁ ମିଳେ ନାହିଁ । ସେଗୁଡ଼ିକ ହେଲା :—

ଯାନ୍ତ୍ରିକ ସଙ୍ଗୀତରେ ବ୍ୟବହାର କରାଯାଏ ନାହିଁ । ଗୀତ ଓ ସଙ୍ଗୀତ ଦ୍ୱାରା ଈଶ୍ୱରଙ୍କ ନାମ ଗୌରବାନ୍ୱିତ କରିବା ନିମନ୍ତେ ଆମ୍ଭେମାନେ ଆଜ୍ଞାପିତ ହୋଇଅଛୁ । ପାଉଲ କହନ୍ତି ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର । ( ଏଫିସୀ ୫ : ୧୯ ) ।

ଦଶମାଂଶ ଅର୍ପଣ କରାଯାଏ ନାହିଁ । କାରଣ ଆମ୍ଭେମାନେ ଆପଣା ଆପଣା ଅଭିବୃଦ୍ଧି ଅନୁଯାୟୀ ଦାନ ଦେବା ନିମନ୍ତେ ଆଜ୍ଞାପିତ ହୋଇ ଅଛୁ । ( ୧ମ କରିନ୍ଥୀ ୧୬ . ୨ )

ସପ୍ତାହର ପ୍ରଥମ ଦିନରେ ଦାନ ସଂଗ୍ରହ କରିବାକୁ ଆଜ୍ଞାପିତ ହୋଇ ଥିବାରୁ ସପ୍ତାହର ଅନ୍ୟ ଦିନ ମାନଙ୍କରେ ଦାନ ସଂଗ୍ରହ କରାଯାଏ ନାହିଁ ।

ପର୍ବ, ପର୍ବାଣୀ ବିଷୟରେ ବାକ୍ୟ କହେ, 'ତୁମ୍ଭେମାନେ ବିଶେଷ ବିଶେଷ ଦିନ, ମାସ, ଋତୁ ଓ ବର୍ଷ ପାଳନ କରୁଅଛ । ମୁଁ ତୁମ୍ଭମାନଙ୍କ ନିମନ୍ତେ ଯେଉଁ ପରିଶ୍ରମ କରିଅଛି, ଅବା ତାହା ବ୍ୟର୍ଥ ହେବ, ତୁମ୍ଭମାନଙ୍କ ସମ୍ବନ୍ଧରେ ମୋହର ଏହି ଭୟ ହେଉଅଛି' (ଗାଲାତୀ ୪:୧୦, ୧୧) । ତେଣୁ ଖ୍ରୀଷ୍ଟଙ୍କ ମଣ୍ଡଳୀ କୌଣସି ପର୍ବ, ପର୍ବାଣୀ ପାଳନ କରାଯାଏ ନାହିଁ ।

ପ୍ରେରିତ ୨୦ : ୭ ପଦାନୁଯାୟୀ ଆଦିମ ଖ୍ରୀଷ୍ଟିୟାନମାନେ ପ୍ରତ୍ୟେକ ସପ୍ତାହର ପ୍ରଥମ ଦିନରେ ରୋଟୀ ଭାଙ୍ଗୁ ଥିଲେ । ସେମାନଙ୍କ ଅନୁସରଣ କରି ଏବେ ଖ୍ରୀଷ୍ଟିୟାନମାନେ କେବଳ ସପ୍ତାହର ପ୍ରଥମ ଦିନରେ ପ୍ରଭୁଭୋଜରେ ଭାଗୀ ହୁଅନ୍ତି ଅନ୍ୟ କୌଣସି ଦିନରେ ନୁହେଁ ।

ପ୍ରାଚୀନ ରୀତିନୀତି କିମ୍ବା କୌଣସି ପ୍ରଥାର ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାନ ନାହିଁ । କାରଣ ବାକ୍ୟ କହେ, 'ତୁମ୍ଭେମାନେ ଜାଣ ଯେ ତୁମ୍ଭମାନଙ୍କ ଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆଚାର ବ୍ୟବହାରରୁ ରୂପା କି ସୁନା ପରି କ୍ଷୟଣୀୟ ବସ୍ତୁ ଦ୍ୱାରା ମୁକ୍ତ ହୋଇ

ବାଇବଲକୁ ସଠିକ ଭାବରେ ବୁଝିବା ନିମନ୍ତେ ଆମ୍ଭମାନଙ୍କୁ ପଢ଼ିବା ସମୟରେ ଆପଣ ୨କୁ ୫ଟି ପ୍ରଶ୍ନ ପଚାରିବା ଆବଶ୍ୟକ ୧) କିଏ କହୁଅଛନ୍ତି ୨) କାହାକୁ କହୁଅଛନ୍ତି । ୩) କେବେ କହୁଅଛନ୍ତି ୪) କେଉଁ ଭାଷାରେ କହୁଅଛନ୍ତି ୫) କେଉଁ ପରିସ୍ଥିତିରେ କହୁଅଛନ୍ତି ଏହି ପ୍ରଶ୍ନଗୁଡ଼ିକର ସଠିକ ଉତ୍ତର ପାଇଲେ ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ ସରଳଭାବେ ବୁଝି ପାରିବେ ।

**୧) କିଏ କହୁଅଛନ୍ତି ?** ବାଇବଲରେ ଲିଖିତ ପ୍ରତ୍ୟେକ ଅଂଶ ଈଶ୍ୱରଙ୍କ ଆତ୍ମାଙ୍କ ପ୍ରେରଣାରେ ମନୁଷ୍ୟମାନଙ୍କ ଦ୍ୱାରା ଲିଖିତ ହୋଇଅଛି । ଈଶ୍ୱର ନିଶ୍ଚିତ ଲେଖକଗଣ ଅଧାର୍ମିକମାନଙ୍କ ବିଷୟରେ ମଧ୍ୟ ଆପଣା ଲେଖନରେ ଉଲ୍ଲେଖ କରନ୍ତି । ଏପରିକି ଶୟତାନ ଦ୍ୱାରା ଉକ୍ତ କେତୋଟି ବାକ୍ୟ ମଧ୍ୟ ପବିତ୍ର ବାଇବଲରେ ପଢ଼ିପାରୁ । (ଆୟୁବ ୧:୯-୧୧, ୨, ୪, ୫, : ମାଥିଉ ୪:୩, ୬,୯) କିନ୍ତୁ ସେଗୁଡ଼ିକ ଆମ୍ଭମାନଙ୍କ ପାଳନାର୍ଥେ ନୁହେଁ । ପ୍ରଶ୍ନ "କିଏ କହୁଅଛନ୍ତି ?"ର ଉତ୍ତର ଆମ୍ଭମାନଙ୍କୁ ଲିଖିତ ବାକ୍ୟ ଆମ୍ଭମାନଙ୍କ ପାଳନ ନିମନ୍ତେ କି ନାହିଁ ଜାଣିବାରେ ସାହାଯ୍ୟ କରେ ।

**୨) କାହାକୁ କହୁଅଛନ୍ତି ?** ଆଦି ୬:୧୪ ପଦରେ ସଦାପ୍ରଭୁ ଧାର୍ମିକ ନୋହଙ୍କୁ କହନ୍ତି "ତୁମ୍ଭେ ଗୋଫର କାଷ୍ଠରେ ଗୋଟିଏ ଜାହାଜ ନିର୍ମାଣ କର ତହିଁରେ ନାନା କୋଠରି ବନାଇ ତହିଁର ଭିତର ଓ ବାହାରେ ଝୁଣା ଲେପନ କର" ପିତା ପରମେଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ଗଣିତ ହେବା ନିମନ୍ତେ ଆମ୍ଭେମାନେ କି ଗୋଫର କାଷ୍ଠରେ ଜାହାଜ ନିର୍ମାଣ କରିବା ଆବଶ୍ୟକ ? ଆମ୍ଭେମାନେ ସେପରି କରି ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରି ନ ପାରୁ । ମହାବନ୍ୟାରୁ ସପରିବାରରେ ରକ୍ଷା ପାଇବା ନିମନ୍ତେ ନୋହଙ୍କର ଜାହାଜ ନିର୍ମାଣ ଆବଶ୍ୟକ ଥିଲା । କିନ୍ତୁ ପ୍ରଶ୍ନ "କାହାକୁ କହୁଅଛନ୍ତି" ପ୍ରଶ୍ନ ସାହାଯ୍ୟରେ ଏହି ଲେଖିତ ବାକ୍ୟାଂଶ ( ଆଦି ୬ : ୪ ) ଆମ୍ଭମାନଙ୍କ ପାଳନ ନିମନ୍ତେ ଦତ୍ତ ହୋଇ ନ ଥିଲ ବୋଲି ଜାଣୁଅଛୁ ।

୩) **କେବେ କହୁଅଛନ୍ତି ?** କୁଳପତି ମାନଙ୍କ ଯୁଗର ସମୟରେ ସଦାପ୍ରଭୁ ପରମେଶ୍ୱର ପ୍ରତ୍ୟକ୍ଷ ଭାବେ ପ୍ରରକାରର ପିତା ସହିତ କଥା ବାର୍ତ୍ତା କରୁଥିଲେ । ମୋଶାଙ୍କ ବ୍ୟବସ୍ଥା ସମୟରେ ମୋଶାଙ୍କ ଦ୍ୱାରା ତଥା ଅନ୍ୟ ଭବିଷ୍ୟଦ୍ ବକ୍ତା ମାନଙ୍କ ଦ୍ୱାରା ସଦାପ୍ରଭୁ ଇଶ୍ରାଏଲ ପିତା ମାନଙ୍କ ସହିତ କଥା କହୁଥିଲେ । ଏହି ଅନୁଗ୍ରହ ଯୁଗରେ ପିତା ପରମେଶ୍ୱର ଆପଣା ପ୍ରିୟ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ନୂତନ ନିୟମ ଦ୍ୱାରା କଥା କହୁଅଛନ୍ତି ।

ମୋଶାଙ୍କ ବ୍ୟବସ୍ଥା ସମୟରେ ପଶୁବଳି, ବିଶ୍ରାମ ବାର ପାଳନ ବିଶେଷ ଦିନ ପାଳନ, ଯାନ୍ତ୍ରିକ ସଙ୍ଗୀତ, ମନୋନୀତ ଯାଜକତ୍ୱ ପ୍ରଭୃତି ପରମେଶ୍ୱର ଉଦ୍ଦେଶରେ ପାଳନୀୟ ବିଧି ବିଧାନ ପ୍ରଚଳିତ ଥିଲା । ( ଯାତ୍ରା ୨୦:୮-୧୧ ; ଲେବୀ ୨୩ ; ୧ମ ବଂଶାବଳୀ ୨୫; ୨ୟ ବଂଶାବଳୀ ୨୯:୨୫ ଗୀତ ସଂହିତା ୧୫୦ ) । ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ପୁରାତନ ନିୟମ ସଫଳ କରି ଅନ୍ତ କରି ଅଛନ୍ତି । (କଲସୀ ୧:୪୪) । ଏବେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ନୂତନ ନିୟମାଧୀନ ଅଟୁ । ୩ୟ ପ୍ରଶ୍ନ "କେବେ କହୁଅଛନ୍ତି" ର ସାହାଯ୍ୟରେ ଆମ୍ଭେମାନେ ପୁରାତନ ନିୟମର ଉପାସନା ପଦ୍ଧତି ଆମ୍ଭମାନଙ୍କ ପାଳନାର୍ଥେ ନୁହେଁ ବୋଲି ଜାଣିପାରୁ । ଆମ୍ଭେମାନେ ବର୍ତ୍ତମାନ କିପରି ତାହାଙ୍କ ଉପାସନା କରିବା ଆବଶ୍ୟକ ତାହା ନୂତନ ନିୟମରେ ବର୍ଣ୍ଣିତ କରାଯାଇଅଛି ।

୪) **କେଉଁ ଭାଷାରେ କହୁଅଛନ୍ତି ।** ମନୁଷ୍ୟର ପ୍ରତ୍ୟେକ ଭାଷାରେ ଆକ୍ଷରିକ ଓ ଆଲଙ୍କାରିକ ଭାବ ଥାଏ । ଆଦିପୁସ୍ତକ ଯାତ୍ରା ପୁସ୍ତକରେ ଏବଂ ପ୍ରେରିତ ମାନଙ୍କ କାର୍ଯ୍ୟର ବିବରଣର ପୁସ୍ତକ ଲିଖିତ ବାକ୍ୟଗୁଡ଼ିକ ଇତିହାସ । ଉ: ଦା:— ଆକ୍ଷରିକ ଭାଷାରେ (literal language) ରେ ମେଷର ଅର୍ଥ ପଶମ ବିଶିଷ୍ଟ ଏକ ଚତୁଷ୍ପଦ ପ୍ରାଣୀ ।

କିନ୍ତୁ ଆଲଙ୍କାରିକ ଭାଷାରେ ବାକ୍ୟର ଅର୍ଥ ଭିନ୍ନ ଥାଏ । ଏପରି ଭାଷାରେ ମେଷର ଅର୍ଥ ଏକ ଚତୁଷ୍ପଦ ପ୍ରାଣୀ ନୁହେଁ । କିନ୍ତୁ

ମେଷର ଗୁଣ ବିଶିଷ୍ଟ ଅନ୍ୟକଛି । ପ୍ରଭୁ ଯୀଶୁଖ୍ରୀଷ୍ଟ ମନୁଷ୍ୟ ଶରୀର ଧାରୀ ପିତା ପରମେଶ୍ୱର ଅଦ୍ୱିତୀୟ ପୁତ୍ର ଅଟନ୍ତି । ଆଲଙ୍କାରିକ ଭାଷା ରେ ତାହାଙ୍କୁ ମେଷ ସହିତ ତୁଳନା କରଯାଏ । ବାପ୍ତିଜକ ଯୋହନ କହିଲେ " ... ଏହି ଦେଖ ଈଶ୍ୱରଙ୍କ ମେଷଶାବକ ଯେ ଜଗତର ପାପ ବହି ନେଇ ଯାଆନ୍ତି ।" (ଯୋହନ ୧:୨୯) । ପୁରାତନ ନିୟମ ମା-ନୁଯାୟୀ ପାପ ମୋଚନ ନିମନ୍ତେ ମେଷଶାବକ ବଳି ଉତ୍ସର୍ଗ କରାଯାଉ ଥିଲା । ବାପ୍ତିଜକ ଯୋହନ ଏହି ବାକ୍ୟର ଅର୍ଥ ଯୀଶୁଖ୍ରୀଷ୍ଟ ଜଗତର ପାପ ମୋଚନ ପାଇଁ ବଳି ନିମନ୍ତେ ଆପଣାକୁ ଉତ୍ସର୍ଗ କରୁଥିବା ମେଷ ସଦୃଶ୍ୟ ଅଟନ୍ତି କିନ୍ତୁ ସେ ନିଜେ ଏକ ମେଷ ନୁହନ୍ତି ।

**୫) କେଉଁ ପରିସ୍ଥିତିରେ ଲେଖାଯାଇଅଛି :—** ଲେଖକଙ୍କ ପରିପାର୍ଶ୍ୱକ ଅବସ୍ଥା ବୁଝି ପାରିଲେ ଆମ୍ଭେମାନେ ତାହାଙ୍କ ଲେଖନୀ ଆହୁରି ସରଳ ଭାବେ ବୁଝି ପାରିବା । ପଥ୍ମୁଆ ପାତ୍ମ ଦ୍ୱୀପରେ ପ୍ରେରିତ ଯୋହନ ରୋମୀୟ ସାମ୍ରାଜ୍ୟ ଦ୍ୱାରା କାରାବାସ ଭୋଗିବା ସମୟରେ ପ୍ରକାଶିତ ବାକ୍ୟ ପୁସ୍ତକ ଲେଖିଥିଲେ । ଖ୍ରୀ:ଜ ୯୫-୧୦୦ ମସିହା ସମୟରେ ଏହି ବିଜାତୀୟ ସାମ୍ରାଜ୍ୟ ଖ୍ରୀଷ୍ଟିୟାନ ମାନଙ୍କୁ ତାଡ଼ନା କରୁଥିଲା । ପ୍ରଥମ ଶତାବ୍ଦୀର ତାଡ଼ିତ ଖ୍ରୀଷ୍ଟିୟାନ ମାନଙ୍କ ନିମନ୍ତେ ଏହି ପୁସ୍ତକ ଲିଖିତ ହୋଇଥିଲା । ( ପ୍ରକାଶିତ ୨:୭, ୧୧, ୧୭, ୨୬ ୩:୫, ୧୨, ୨୧ ) ଏହି ପୁସ୍ତକ ଜରିଆରେ ସେମାନେ ଅତ୍ୟଧିକ ଭାବେ ସାନ୍ତ୍ୱନା ପ୍ରାପ୍ତ ହୋଇଥିଲେ ।

ବାଇବଲ ଈଶ୍ୱର ନିଶ୍ୱସିତ ମହାନ ଗ୍ରନ୍ଥ । ଏହା ମନୁଷ୍ୟର ପରିତ୍ରାଣାର୍ଥେ ଈଶ୍ୱର ଦତ୍ତ ଉପହାର । ସେଥିରେ ଲିଖିତ ବାକ୍ୟ ଆଜ୍ଞା-ବହ ହେବା ନିମନ୍ତେ ଆମ୍ଭମାନଙ୍କ ତାହା ସତ୍ତରୁଟେପ ଧ୍ୟାନ କରିବା ଆବଶ୍ୟକ । ତେଣୁ କରି ତୀମଥିଙ୍କୁ ପାଉଲ ଲେଖନ୍ତି ସତ୍ୟ ବାକ୍ୟ ଯଥାର୍ଥରୂପେ ବ୍ୟବହାର କର ଯେଉଁ କାର୍ଯ୍ୟକାରୀର ଲଜ୍ଜା ବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷା ସିଦ୍ଧ ଦେଖାଇବାକୁ ଯତ୍ନ କର "( ୨ୟ ତୀମଥି ୨:୧୫ ) ଉପରୋକ୍ତ ୫ଟି ସରଳ ସୂତ୍ର ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ

ଲିଖିତ ବାକ୍ୟ ସଠିକ୍ ଭାବେ ବୁଝି ପାରିବା । ଯାହା ପାଳନ କରି ଆମ୍ଭେମାନେ ଅନନ୍ତ ଜୀବନ ପାଇପାରିବା ।

—Rod Rutherford

## ତ୍ରି ଏକ ଈଶ୍ୱର
## (The God head)

ମନୁଷ୍ୟ ମାନଙ୍କ ଅବୁଝା "ତ୍ରି ଏକ ଈଶ୍ୱର" ବୋଲି ଏହି ପଦ ବାଇବଲରେ ଲିଖିତ ହୋଇନାହିଁ । ଦ୍ୱିତୀୟ ବିବରଣୀ ୬ : ୪ ଯିଶାଇୟ ୪୪ : ୬, ୪୫ : ୫, ୬, ୧ମ କରନ୍ଥୀ ୮ : ୬ ପଦନୁଯାୟୀ ଈଶ୍ୱର ଏକ ଅଟନ୍ତି । ବାଇବଲ ପିତା ପୁତ୍ରଙ୍କୁ ଓ ପବିତ୍ର ଆତ୍ମାଙ୍କୁ ମଧ୍ୟ ଈଶ୍ୱର ବୋଲି ଉପସ୍ଥାପିତ କରେ । (ଏଫିସି ୧:୩, ଏବ୍ରୀ ୧:୮, ପ୍ରେରିତ ୫ : ୩, ୪ )

ପ୍ରେରିତ ୧୭ : ୨୯, ରୋମୀୟ ୧ : ୨୦, କଲସୀ ୨ : ୯ ପଦ ଗୁଡ଼ିକରେ "ଈଶ୍ୱରତ୍ତ୍ୱ" ବା **God head** ପଦ ବ୍ୟବହୃତ ହୋଇ ଅଛି । ପୁରାତନ ନିୟମରେ ଈଶ୍ୱର ଆପଣାକୁ "ଆମ୍ଭେ" "ଆମ୍ଭର" ପ୍ରଭୃତି ବହୁବଚନ ପଦ ଦ୍ୱାରା ପରିଚିତ କରନ୍ତି । ( ଆଦି ୧:୨୬,୨୭, ୩ ୨୨, ୧୧:୭, ଯିଶାଇୟ ୬:୮) । ନୂତନ ନିୟମରେ ଅନେକ ପଦ ଗୁଡ଼ିକ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କୁ ସମ୍ମିଳିତ ଭାବେ ଉପସ୍ଥାପିତ କରାଯାଏ । ଉଦାହରଣ ସ୍ୱରୁପ :— "ଯୀଶୁ ବାପ୍ତିଜିତ ହେଲାକ୍ଷଣି ଜଳରୁ ଉଠି ଆସିଲେ ଆଉ ଦେଖ ଆକାଶ ଉନ୍ମୁକ୍ତ ହେଲା, ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ । ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ ।" (ମାଥିଉ ୩:୧୬, ୧୭) । ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର

ଲୋକଙ୍କୁ ପିତା, ପୁତ୍ର, ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ
ମୁଁ ତୁମ୍ଭମାନଙ୍କୁ ଯେଉଁ ୨ ଆଜ୍ଞା ଦେଇଅଛି ସେହିସବୁ ପାଳନ କରି-
ବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ ଯୁଗାନ୍ତ
ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ୨ ଅଛି । (ମାଥିଉ ୨୮:
୧୯, ୨୦) ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ, ଈଶ୍ୱରଙ୍କ ପ୍ରେମ ଓ ପବିତ୍ର
ଆତ୍ମାଙ୍କ ସହଭାଗିତା ତୁମ୍ଭ ସମସ୍ତଙ୍କ ସହବର୍ତ୍ତୀ ହେଉ । ( ୨ କରନ୍ଥୀ
୧୩ : ୧୩ )

ଏକ ଈଶ୍ୱରତ୍ୱରେ ତିନୋଟି ବ୍ୟକ୍ତିତ୍ୱର ସମ୍ମିଳନ । **Dalton key** ଙ୍କ ମତରେ ପବିତ୍ର **God** ପଦ କେବଳ ପିତା ପରମେଶ୍ୱର ଙ୍କୁ ବୁଝାଏ, ଏହା ଏକ "ଈଶ୍ୱରତ୍ୱ ପରିବାର" ର ସଂଜ୍ଞା । ଏକ ପରିବାର ସ୍ୱାମୀ, ସ୍ତ୍ରୀ ଏକାଙ୍ଗ ହେଲେ ସୁଦ୍ଧା ଯେପରି ଦୁଇ ଭିନ୍ନ ୨ ବ୍ୟକ୍ତିତ୍ୱ ସେହିପରି ସ୍ୱର୍ଗୀୟ ଈଶ୍ୱରଙ୍କ ପରିବାର ର ସଭ୍ୟଗଣ ମଧ୍ୟ ଭିନ୍ନ ୨ ବ୍ୟକ୍ତିତ୍ୱ ଅଟନ୍ତି ।

ପିତା ଈଶ୍ୱର ଅଟନ୍ତି (ଏଫିସି ୧:୩) ପୁତ୍ର ଯୀଶୁ ଖ୍ରୀଷ୍ଟ ଈଶ୍ୱର ଅଟନ୍ତି । ( ଏବ୍ରୀ ୧ : ୮ ) । ପବିତ୍ର ଆତ୍ମା ମଧ୍ୟ ଈଶ୍ୱର ଅଟନ୍ତି । ପିତା ଓ ପୁତ୍ର ଦୁହେଁ ନୁହଁନ୍ତି ବୋଲି, ଯୋହନ ୮ : ୧୭-୧୮, ମାର୍କ ୧୩.୩୨, ପ୍ରେରିତ ୨:୩୩, ୩୬; ୭:୫୫ ପଦ ଗୁଡ଼ିକ ପ୍ରମାଣ କରେ । ତଥାପି ପିତା ଓ ପୁତ୍ରଙ୍କର ଶିକ୍ଷା, ସୁରକ୍ଷା, ବାକ୍ୟ କାର୍ଯ୍ୟ, ଓ ଉଦ୍ଦେଶ୍ୟ ଏକ ଅଟେ । (୨ ଯୋହନ ୯; ଯୋହନ ୧୦:୨୭-୩୦, ଯୋହନ ୧୪:୮-୧୧, ୧୪:୧୭-୨୦; କଲସୀ ୨:୮-୧୦) ଉଭୟେ ଦୟା କରୁଣା ମୟ ଅଟନ୍ତି । କିନ୍ତୁ ଦୁହେଁ ଏକ ବ୍ୟକ୍ତି ନୁହଁନ୍ତି ।

ଯୀଶୁଖ୍ରୀଷ୍ଟ ପବିତ୍ର ଆତ୍ମାଙ୍କୁ ଏକ ବ୍ୟକ୍ତିରୂପେ ଯୋହନ ୧୬:୭-୧୬ ପଦଗୁଡ଼ିକରେ ଉପସ୍ଥାପିତ କରନ୍ତି । ସେ ଶିକ୍ଷା ଦେବାରେ ସାକ୍ଷ୍ୟ ଦେବାରେ ସକ୍ଷମ ଅଟନ୍ତି । ଆଦିମ ଖ୍ରୀଷ୍ଟୀୟାନ ମଣ୍ଡଳୀରେ ହନନୀୟ ଓ ସଫିରା ପାପରେ ଧରା ପଡ଼ିଲେ ବେଳେ ପିତର ତାହାଙ୍କୁ କହନ୍ତି "ହେ ହନନୀୟ ପବିତ୍ର ଆତ୍ମାଙ୍କ ନିକଟରେ ମିଥ୍ୟା କହିବାକୁ ଓ

ଭୂମିର ମୂଲ୍ୟରୁ କିଛି ଲୁଚାଇ ରଖିବାକୁ କାହିଁକି ଶୟତାନ ତୁମ୍ଭ ହୃଦୟ ସମ୍ପୂର୍ଣ୍ଣ ଅଧିକାର କରିଅଛି ? ( ପ୍ରେରିତ ୫ : ୩, ୪ ) । ଏହି ବାକ୍ୟଗୁଡ଼ିକ ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ପ୍ରକାଶ କରେ ।

ପବିତ୍ର ଆତ୍ମାଙ୍କ କାର୍ଯ୍ୟ ବହୁଳ । ପୁରାତନ ନିୟମରେ ଭାବବାଦୀମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ କଥା କହୁଥିଲେ । ( ୨ୟ ପିତର ୧ : ୨୦, ୨୧ ) । ନୂତନ ନିୟମରେ ପବିତ୍ର ଆତ୍ମା ସତ୍ୟ ପ୍ରକାଶ କରି ପ୍ରମାଣ ସିଦ୍ଧ କଲେ । ( ମାର୍କ ୧୬ : ୨୦, ଏବ୍ରୀ ୨ : ୩, ୪, ଯିହୂଦା ୩ ) । ପ୍ରେରିତମାନଙ୍କୁ କଅଣ କହିବା ଆବଶ୍ୟକ ପବିତ୍ର ଆତ୍ମା ଜଣାଇଥିଲେ ବୋଲି ମାଥିଉ ୧୦ : ୧୯, ୨୦ ଓ ଯୋହନ ୧୪ : ୨୬; ୧୬ : ୧୩ ପଦଗୁଡ଼ିକରୁ ଜାଣିପାରୁ ।

ପିତା ପୁତ୍ର ଓ ପବିତ୍ର ଆତ୍ମା 'ଈଶ୍ୱରତ୍ୱ'ର ତନୋଟି ବ୍ୟକ୍ତି । ( ଯୋହନ ୧ : ୧-୩; ୧୪ ) । ଯୀଶୁ ଖ୍ରୀଷ୍ଟ ଇମ୍ମାନୁୟେଲ ଅର୍ଥାତ୍ 'ଆମ୍ଭମାନଙ୍କ ସହିତ ଈଶ୍ୱର' ଅଟନ୍ତି । (ଯିଶାଇୟ ୭ : ୧୪ ମାଥିଉ ୧ : ୨୨, ୨୩ ) । ଯୀଶୁଖ୍ରୀଷ୍ଟ 'ଈଶ୍ୱରତ୍ୱ'ର ତନୋଟି ବ୍ୟକ୍ତିତ୍ୱର ଏକ ଈଶ୍ୱର ଅଟନ୍ତି ।

'ଈଶ୍ୱର' ( God ) ଏକ ପାରିବାରିକ ସଂଜ୍ଞା, ଯେଉଁ ସ୍ୱର୍ଗୀୟ ପରିବାରରେ ପିତା ପୁତ୍ର ଓ ପବିତ୍ର ଆତ୍ମା ଏକ ଅଭିନ୍ନ ଭାବେ ସମ୍ମିଳିତ ଅଟନ୍ତି ।

—John Grubb.

## ଈଶ୍ୱର ନିଶ୍ୱସିତ ବାଇବଲ ବାକ୍ୟ

## ( The Bible is inspired by God )

ଯୁବକ ତୀମଥିଙ୍କୁ ପ୍ରେରିତ ପାଉଲ ଲେଖନ୍ତି, "ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସମ୍ପୂର୍ଣ୍ଣ ହୁଏ ।" ( ୨ୟ ତୀମଥି ୩ : ୧୬, ୧୭ ) ! ବାଇବଲ ବାକ୍ୟଗୁଡ଼ିକ ସମ୍ପୂର୍ଣ୍ଣ ଭ୍ରାନ୍ତିଶୂନ୍ୟ, ଈଶ୍ୱରଙ୍କ ନିଶ୍ୱସିତ ଅଟେ । 'ଈଶ୍ୱର ନିଶ୍ୱସିତ' ଅର୍ଥାତ୍ ଈଶ୍ୱରଙ୍କ ଠାରୁ ଆଗତ । "Infaithable" ବା ଭ୍ରାନ୍ତିଶୂନ୍ୟ ବା ତାହାଙ୍କ ବାକ୍ୟ ଅଯଥାର୍ଥ ଶିକ୍ଷା ଦିଏ ନାହିଁ ।

ଏଠାରେ ଦୁଇଟି ସମ୍ଭାବନା ରହିଅଛି । ବାଇବଲ ବାକ୍ୟ ଈଶ୍ୱରଙ୍କ ଠାରୁ ଆଗତ କିଅବା ମନୁଷ୍ୟମାନଙ୍କ ଦ୍ୱାରା ଲିଖିତ । ଏହା ଈଶ୍ୱରଙ୍କ ଠାରୁ ବୋଲି ୨ୟ ପିତର ୧ : ୨୦, ୨୧ ପଦ କହେ ପ୍ରଥମରେ ଏହା ଜ୍ଞାତ ହୁଅ ଯେ, ଶାସ୍ତ୍ରର କୌଣସି ଭାବବାଣୀ କେବେ ହେଁ ମନୁଷ୍ୟର ଇଚ୍ଛାରୁ ଉତ୍ପନ୍ନ ହୋଇନାହିଁ । ମାତ୍ର ଈଶ୍ୱର ପ୍ରେରିତ ମନୁଷ୍ୟମାନେ ପବିତ୍ରଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଥିଲେ ।

ଯୁଗାନୁକ୍ରମେ ବାଇବଲର ବାକ୍ୟ ଈଶ୍ୱର ନିଶ୍ୱସିତ ବୋଲି ମନୁଷ୍ୟମାନେ ସ୍ୱୀକାର କରିଅଛନ୍ତି । ପ୍ରେରିତ ପାଉଲ କରନ୍ଥୀ ମଣ୍ଡଳୀକୁ ଲେଖନ୍ତି, କେହି ଯଦି ଆପଣାକୁ ଭାବବାଦୀ ବା ଆତ୍ମିକ ଦାନ ପ୍ରାପ୍ତ ବୋଲି ମନେ କରେ, ତାହାହେଲେ ମୁଁ ତୁମ୍ଭମାନଙ୍କୁ ଯାହା ଯାହା ଲେଖୁଅଛି । ସେହିସବୁ ଯେ ପ୍ରଭୁଙ୍କ ଆଜ୍ଞା ଏହା ସେ ଅଙ୍ଗୀକାର କରୁ ।" (୧ମ କରନ୍ଥୀ ୧୪ : ୩୭) ଥେସଲନୀକୀ ମଣ୍ଡଳୀକୁ କହନ୍ତି । ଆଉ ଏହି କାରଣରୁ ଆମ୍ଭେମାନେ ମଧ୍ୟ ନିରନ୍ତର ଈଶ୍ୱରଙ୍କୁ ଧନ୍ୟବାଦ କରୁଅଛୁ ଯେ, ଯେତେବେଳେ ତୁମ୍ଭେମାନେ ଆମ୍ଭମାନଙ୍କ ଦ୍ୱାରା ପ୍ରଚାରିତ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କଲ, ସେତେବେଳେ ତାହା ମନୁଷ୍ୟର ବାକ୍ୟ ସ୍ୱରୂପେ ଗ୍ରହଣ ନକରି ବରଂ ଈଶ୍ୱରଙ୍କ ବାକ୍ୟ ସ୍ୱରୂପେ ଗ୍ରହଣ କରିଥିଲ, ଆଉ ବାସ୍ତବରେ ତାହା ଈଶ୍ୱରଙ୍କ

## CHRISTIAN GROWTH

**2 Pet. 3:18**

INTRODUCTION :

1. The Christian life has often been compared to a baby growing up into adulthood.
2. One must grow physically and sprituually to be considered healthy (Lk. 2:52).
3. The Christian's eternal welfare depends on his growth.

DISCUSSION :

**A. The Life Of A Christian.**

1. Born into the family of God by a new birth (John 3:3-5).
2. Becomes a new creature in Christ (2Cor. 5:17).
3. Is a new born babe (1Pet. 2:2).
4. Is to grow up (2Pet. 3:18).
5. Must grow to become strong (1Cor. 16:13).
6. Only the strong will survive (Eph 6:10).

**B. Those Things That Promote Spiritual Growth.**

1. Feasting on the word (Matt. 4:4;5:6; 1Pet. 2:2).
2. Prayer (1Cor. 7:5).
3. Worship (Phil. 3:3).
4. Christian fellowship (Acts. 2:42).
5. Love (1John 4).
6. Good works (2Thess. 2:17).
7. Good Christian literature.

**C. Things That A Christian Needs to Grow In.**

1. In understanding and knowledge.
2. In spirit.
3. In love.
4. In prayer.
5. In ability.
6. In faith.
7. In giving.

**D. Rewards Of Growth.**

1. Able to do more for the Lord.
2. More spiritually minded.
3. More dedicated to God.
4. Enjoy the Christian life more.
5. Salvation of souls.
6. Defeat the Devil.
7. Glorify the Lord.

CONCLUSION :

1. Naturally where there is no growth there is tragedy.
   a. One is left a wealling of a freak.
   b. A soul is lost.

2. Are you growing as you should in the Lord ?

- J. C. Choate.

---


**SATYA VANI**
P.o. Box 80
KAKINADA - 533 001


Printed Book only

To

(FOR PRIVATE CIRCULATION ONLY)